# Akashvani, Sambalpur

## SAMBALPURI NEWS BULLETIN

### 12 September 2025 - 6.47- 6.52 am.

*****************************************

ମୁଖ୍ୟମନ୍ତ୍ରୀ-ମହାନଦୀ ଖଁଡ଼ିର୍ ବିକାଶ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମହାନଦୀ ଖଁଡ଼ିର୍ ବିକାଶ୍ ଯୋଜ୍‌ନାକେ ଅନୁମୋଦନ୍ କରିଛନ୍ । ଇଥିର୍‌ଲାଗି ରାଜ୍ୟ ସର୍‌କାର୍ ୨ ଶହ ୪୦ କୋଟି ଟଙ୍କା ଖର୍ଚ୍ଚା କର୍‌ବେ । ଯୋଜନାଥି ସମ୍ବଲ୍‌ପୁର୍ ମନ୍ଦଲିଆ ନୁ ଚାଉଁର୍‌ପୁର୍ ତକ୍ ମହାନଦୀ ଖଁଡ଼ିର୍ ବିକାଶ୍ ଲାଗି ଶହେ ୬୦ କୋଟି ଟଙ୍କା ଖର୍ଚ୍ଚା କରାଯିବା । ଭୁବ୍‌ନେଶ୍ୱର୍ ପାଣ୍ଡରା ପାଖେ କୁଆଖାଇ ଆଉ କୁଶଭଦ୍ରା ନଏଦ୍‌ଖଁଡ଼ିର୍ ବିକାଶ୍ ଲାଗି ୮୦ କୋଟି ଟଙ୍କା ଖର୍ଚ୍ଚା କରାଯିବା । ୨୦୨୫-୨୬ ନୁ ୨୦୨୭-୨୮ ଭିତ୍‌ରେ ଯୋଜ୍‌ନାକେ କାର୍ଯ୍ୟକାରୀ କରାଯିବା । ଯୋଜ୍‌ନାକେ ଅନୁମୋଦନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଓଡ଼ିଶାର୍ ଜୀବନ୍‌ରେଖା କୁହାଯାଉଥିବା ମହାନଦୀକେ ପରିବେଶ୍, ସାଂସ୍କୃତିକ୍ ଆଉ ଆଧ୍ୟାତ୍ମିକ୍ ପର୍ଯ୍ୟଟନ୍‌ର କେନ୍ଦ୍ରସ୍ଥଲ୍ କରାଯିବା । ଇ ପର୍ଯ୍ୟଟନ୍‌ସ୍ଥଲୀମାନେ ରାଜ୍ୟର୍ ଅର୍ଥନୈତିକ୍ ଅଭିବୃଦ୍ଧିଥି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ୍ ଦେବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଉପରାଷ୍ଟ୍ରପତି ଏନ୍ଏସ୍ଡି

ଦେଶର୍ ପଂଚଦଶ ଉପରାଷ୍ଟ୍ରପତି ଭାବେ ସି.ପି. ରାଧାକ୍ରିଷ୍ଣନ୍ ଆଏଜ୍ ଶପଥ୍ ନେବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦିନର୍ ସାଢ଼େ ୧୦ ବଜେ ରାଷ୍ଟ୍ରପତି ଭବନ୍ ଠାନେ ତାଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ କରାବେ । ଇ ଅବ୍ସରେ ବହୁତ୍ଟେ ନେତା ମନ୍ତ୍ରୀଙ୍କର୍ ସହେତେ ବିରୋଧୀ ଦଲର୍ ନେତାମାନେ ଭିଲ୍ ସାମିଲ୍ ହେବେ ବଲି ସୂଚ୍ନା ମିଲିଛେ ।

ଡିଜିଟାଲ୍ କୃଷି ସର୍ବେକ୍ଷଣ୍ I&PR

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ରାଏଜେ ଚାଲିଥିବା ଡିଜିଟାଲ୍ କୃଷି ସର୍ବେକ୍ଷଣ୍-୨୦୨୫ କାର୍ଯ୍ୟକ୍ରମ୍ର ଅଗ୍ରଗତି ବାବ୍ଦେ ଗଲାକାଏଲ୍ ସମୀକ୍ଷା କରିଛନ୍ । ବୈଠକ୍ଥି ଶ୍ରୀ ଆହୁଜା ଡିଜିଟାଲ୍ କୃଷି ସର୍ବେକ୍ଷଣ୍ କାମ୍କେ ପଏର୍ଛା ନିର୍ଭୁଲ୍ କର୍ବାର୍ ଉପ୍ରେ ଜୋର୍ ଦେଇଛନ୍ । ଇତାର୍ସହେତେ ସେପ୍ଟେମ୍ବର୍ ୩୦ ତାରିଖ୍ତକ୍ ସର୍ବେକ୍ଷଣ୍ କାମ୍ ସାର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସେପ୍ଟେମ୍ବର୍ ୧୦ ତାରିଖ୍‌ତକ୍ ରାଜ୍ୟର୍ ୩୦ ଟା ଯାକ ଜିଲ୍ଲା ନ ଚିହ୍ନଟ୍ ୨ କୋଟି ୯୪ ଲାଖ୍ ନୁ ଅଏତ୍‌କା ପ୍ଲଟ୍ ଭିତ୍‌ରୁ ପାଖାପାଖ୍ ୨ କୋଟି ୫୦ ଲାଖ୍ ପ୍ଲଟ୍ ସର୍ବେକ୍ଷଣ୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଥିଲା । ସେଥିର୍‌ଭିତ୍‌ରୁ ଏବ୍‌ତକ୍ ୧ କୋଟି ୫୪ ଲାଖ୍ ନୁ ଅଏତ୍‌କା ପ୍ଲଟ୍‌ର ସର୍ବେକ୍ଷଣ୍ କରାଯାଇଛେ ବଲି ବୈଠକ୍‌ନୁ ସୂଚ୍‌ନା ମିଲିଛେ ।

ବୈଧ ମାପ ଅଧିକାରୀ ବୈଠକ୍ I&PR

ନିଖିଳ ଓଡ଼ିଶା ବୈଧ ମାପ ବିଜ୍ଞାନ ଅଧିକାରୀ ସଂଘର୍ ୪୦ ନମ୍ବର୍ ସାଧାରଣ ପରିଷଦ୍ ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିଭାଗ୍‌କେ ଅଏତ୍‌କା କ୍ରୀୟାଶୀଲ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ରାଏଜେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବ୍ୟବସ୍ଥାକେ ପଏର୍‌ଛା ଫଟିକ୍ କର୍‌ବାର୍ ଲାଗି ବୈଧ ମାପ ବିଜ୍ଞାନ୍ ବିଭାଗ୍ ଅଏତ୍‌କା ସତର୍କ ହେବାର୍ ସହେତେ ମଝି ମଝି ମାପ୍‌ବାର୍ ଯନ୍ତ୍ର ଆର୍ ମାପକ ମାନ୍‌କର୍ ଯାଂଚ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ନୋଟାରୀ ନିଯୁକ୍ତି ପ୍ରକ୍ରିୟା I&PR

ରାଏଜେ ନୂଆଁ ନୋଟାରୀ ନିଯୁକ୍ତି ପ୍ରକ୍ରିୟା ଆଉ ଆଇନ୍‌ଜୀବୀ ମାନ୍‌କର୍ ଡାଟା ବେସ୍ ତୁର୍‌ତି ତିଆର୍ କର୍‌ବାର୍‌କେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଠାନେ ଆଇନ୍ ବିଭାଗ୍‌ର ସମ୍ମିଲନୀ କକ୍ଷ ନ ହେଇଥିବା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଆଇନ୍‌ଜୀବୀ ଆଉ ନୋଟାରୀମାନ୍‌କର୍ ଲାଗି ଗୁଟେ ଖାସ୍ ୱେବ୍‌ପୋର୍ଟାଲ୍ ରହେବା । ଇତାର୍ ଜରିଏ ସମ୍‌କୁ ପଞ୍ଜିକୃତ କରାଯିବା । ନୂଆଁ ନିଯୁକ୍ତି ଲାଗି ଭିଲ୍ ଇ ପୋର୍ଟାଲ୍ ଜରିଏ ଆବେଦନ୍ କରିପାର୍‌ବେ । ସେନ୍ତା ନୋଟାରୀମାନେ ନିଜର୍ କାମ୍ ବାବ୍‌ଦେ ସବୁ ଦିନିଆ ତଥ୍ୟ ପୋର୍ଟାଲ୍‌ଥି ଦାଖଲ୍ କର୍‌ବେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ପରାମର୍ଶ ଦେଇଛନ୍ ।

ବଡ଼ି କେମ୍‌ରା ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀମନ୍ଦିରର୍ ଚାର୍‌ହି ଦୁଆରେ ନିୟୋଜିତ ଥିବା ପୁଲିସ୍ କର୍ମଚାରୀମାନ୍‌କର୍ ପିନ୍ଧିଥିବା ପୋଷାକ୍‌ଥି ଅତ୍ୟାଧୁନିକ୍ କେମ୍‌ରା ଲଗାଯାଇଛେ । ଇତାର୍‌ଜରିଏ ଶ୍ରୀମନ୍ଦିର୍ ପରିସର୍‌କେ ଯାଉଥିବା ସନ୍ଦିଗ୍ଧ ଲୁକ୍‌କର୍ ଉପ୍‌ରେ କଡ଼ା ନଜର୍ ରଖାଯାଇପାର୍‌ବା । ସେନ୍ତା ଶ୍ରୀମନ୍ଦିର୍ ଭିତର୍‌କେ କଟ୍‌କନା ଲାଗିଥିବା ଦରବ୍ ମାନ୍‌କୁ ଭିଲ୍ ଠାବ୍ କର୍‌ବାର୍‌କେ

କେମ୍‌ରା ସାହାଜ୍ କର୍‌ବା । ଅଣସେବାୟତ୍‌ମାନ୍‌କୁ ଭିଲ୍ ଚିହ୍ନଟ୍ କରାଯାଇକରି ସେମାନ୍‌କର୍ ବିରୋଧ୍ ନ କାର୍ଯ୍ୟାନୁଷ୍ଠାନ୍ ନିଆଯାଇପାର୍‌ବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ବହୁତ୍‌ଟେ ଅତିଜରୁରୀ ଦରବ୍ ଉପ୍‌ରେ ଟିକସ୍ ଛାଡ୍ କର୍‌ବାର୍ ଲାଗି ପ୍ରସ୍ତାବ୍ ଦିଆଯାଇଛେ । ଯେନ୍‌ଟାକି ଦେଶର୍ ଗରିବ୍ ଆଉ ମଧ୍ୟବିତ ପରିବାର୍ ଲାଗି ବହୁତ୍ ବଡ଼ ଆଶ୍ୱସ୍ତି ଆନିଦେଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍‌କେ ସବୁ ମହଲ୍‌ନୁ ସ୍ୱାଗତ୍ କରାଯାଇଛେ । ଇ ବାବ୍‌ଦେ ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍‌କା ସିଦ୍ଧାର୍ଥ ଡିଗ୍ରୀ କଲେଜ୍‌ର ଅର୍ଥନୀତି ବିଭାଗ୍ ମୁଖ୍ୟ ଡକ୍ଟର୍ ଧୀରେନ୍ଦ୍ର କୁମାର୍ ନାୟକ୍ କହିଛନ୍....
(ଭଏସ୍ ଓଭର୍ -ଧୀରେନ୍ଦ୍ର କୁମାର୍ ନାୟକ)

ଜୀବିକା ମିଶନ୍-ସମୀକ୍ଷା ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ନ ଚାଲିଥିବା ମିଶନ୍ ଶକ୍ତି ଆଉ ଜୀବିକା ମିଶନ୍‌ର କାମ୍‌କାଜ୍‌ର ମାସିକ୍

ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଜିଲ୍ଲା ନ ୨୦ ହଜାର୍ ଲକ୍ଷପତି ଦିଦି ତିଆର୍ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ଇଥିର୍‌ଭିତ୍‌ରୁ ୧୬ ହଜାର୍ ୫ ଶହ ଲକ୍ଷପତି ଦିଦି ବନିସାରିଛନ୍ । ଖୋବ୍ ଜଲ୍‌ଦି ୨୦ ହଜାର୍ ଲକ୍ଷ୍ୟ ହାସଲ୍ ହେଇଯିବା ବଲି ଜିଲ୍ଲାପାଲ୍ କହିଛନ୍ ।

ମାର୍ସଲ୍ ଆର୍ଟ ଚାମ୍ପିଅନ୍‌ସିପ୍ I&PR

ନୂଆଦିଲ୍ଲୀ ଠାନେ ହେଇଥିବା ୧୪ ନମ୍ବର୍ ଜାତୀୟ ଭୋଭିନାମ୍ ମାର୍ସଲ୍ ଆର୍ଟ ଚାମ୍ପିଅନ୍‌ସିପ୍ -୨୦୨୫ ଥି ଓଡ଼ିଶା ପୁଲିସ୍‌କେ ୨ ଟା ସ୍ୱର୍ଣ୍ଣ ଆଉ ୩ ଟା ରୌପ୍ୟ ପଦକ୍ ମିଲିଛେ । ଓଡ଼ିଶା ପୁଲିସ୍‌ର ୩ ଝନ୍ ଖେଲାଲି ପଦକ୍ ଜିତିକରି ରାଜ୍ୟ ଆଉ ପୁଲିସ୍ ବିଭାଗ୍ ଲାଗି ଗୌରବ୍ ଆନିଛନ୍ ।